## (B) ODIA LANGUAGE

ଠିକ୍ ଶବ୍ଦ (ଉତ୍ତର) ଚିହ୍ନଟ କର (ପ୍ରଶ୍ନ ସଂଖ୍ୟା 101 ରୁ 110)

**101.** (A) ତ୍ରୁଟୀ

(B) ତ୍ରୁଟି

(C) ତୃଟୀ

(D) ତୃଟି

**102.** (A) ଗାରିମା

(B) ଗରିମା

(C) ଗରୀମା

(D) ଗାରୀମା

**103.** (A) ଆନୁଷଙ୍ଗିକ

(B) ଆନୁସଙ୍ଗୀକ

(C) ଆନୁସଂଗିକ

(D) ଆନୂଷଙ୍ଗିକ

**104.** (A) ମଧୂଳିକା

(B) ମଧୁଳିକା

(C) ମଧୂଳୀକା

(D) ମଧୁଳିକା

**105.** (A) ତ୍ୱୀଷାଂପତୀ

(B) ତ୍ୱୀଷାଂପତି

(C) ତିଷାଂପତୀ

(D) ତ୍ୱିଷାଂପତି

**106.** (A) ପରିଶଦ

(B) ପରିସଦ

(C) ପରିଷଦ

(D) ପରୀଷଦ

**107.** (A) ଅବଷର୍ଣ

(B) ଅବସନ

(C) ଅବଶନ୍ନ

(D) ଅବସନ୍ନ

**108.** (A) ଶଶିଭୂଷଣ

(B) ଶଶୀଭୂଷଣ

(C) ସଶିଭୂଷଣ

(D) ଶଶିଭୁଷଣ

**109.** (A) ନୀରୂପମା

(B) ନିରୂପମା

(C) ନିରୁପମା

(D) ନୀରୁପମା

**110.** (A) ଭଗିନୀ

(B) ଭଗୀନୀ

(C) ଭଗିନି

(D) ଭଗୀନି

**ବିପରୀତ ଶବ୍ଦ ଚୟନ କର : (ପ୍ରଶ୍ନ ସଂଖ୍ୟା 111 ରୁ 120)**

**111.** 'ତେଲିଆ'ର ବିପରୀତ :

(A) ପାମ୍ପରା

(B) ଶୁଖିଲା

(C) ଳୁଖୁରା

(D) ଅତେଲିଆ

**112.** 'ଶିଷ୍ଟ'ର ବିପରୀତ :

(A) ଦୁଷ୍ଟ

(B) ଅଶିଷ୍ଟ

(C) ଖଳ

(D) ଅଭଦ୍ର

**113.** 'ସ୍ୱାବଲମ୍ବୀ'ର ବିପରୀତ :

(A) ଅନାବଲମ୍ବୀ

(B) ପରାବଲମ୍ବୀ

(C) ନିରାବଲମ୍ବୀ

(D) ଅଣବଲମ୍ବୀ

**114.** 'ଉତ୍କର୍ଷ'ର ବିପରୀତ :

(A) ଅନାକର୍ଷ

(B) ଅନୁତ୍କର୍ଷ

(C) ଅପକର୍ଷ

(D) ନିରୁତ୍କର୍ଷ

**115.** 'ଆରାଧ୍ୟ'ର ବିପରୀତ :

(A) ଅନାରାଧ୍ୟ

(B) ଦୁରାଧ୍ୟ

(C) ବିପ୍ରରାଧ୍ୟ

(D) ଦୁରାରାଧ୍ୟ

**116.** 'ଖର୍ଚ୍ଚ' ର ବିପରୀତ :

(A) ଜମା

(B) ସଂଚୟ

(C) ପୁଂଜି

(D) ସଂଗ୍ରହ

**117.** 'ବ୍ୟର୍ଥ' ର ବିପରୀତ :

(A) ସଫଳ

(B) ସାର୍ଥ

(C) ସମର୍ଥ

(D) ସ୍ୱାର୍ଥ

**118.** 'ଭୀମ'ର ବିପରୀତ :

(A) କୋମଳ

(B) ଶାନ୍ତ

(C) କାନ୍ତ

(D) ଧୀର

**119.** 'ମୁକୁଳା'ର ବିପରୀତ :

(A) ବଂଧନ

(B) ଶୃଙ୍ଖଳା

(C) ଶୃଙ୍ଖଳ

(D) ବଂଧା

**120.** 'ପ୍ରବର୍ତ୍ତନ'ର ବିପରୀତ :

(A) ନିବାରଣ

(B) ନିବୃତ୍ତି

(C) ନିବର୍ତ୍ତନ

(D) ନିର୍ବହଣ

**ନିର୍ଦ୍ଦେଶ ଠିକ୍ ପ୍ରତିଶବ୍ଦଟି ବାଛ (ପ୍ରଶ୍ନ ସଂଖ୍ୟା 121 ରୁ 130)**

**121.** 'ଶିବ'ର ପ୍ରତିଶବ୍ଦ :

(A) ଶ୍ରୀଖଣ୍ଡ

(B) ଶ୍ରୀକଣ୍ଠ

(C) ଶ୍ରୀକାନ୍ତ

(D) ଶ୍ରୀଧର

**122.** 'ମେଘ'ର ପ୍ରତିଶବ୍ଦ :

(A) ଜଳଦ

(B) ଜଳଧି

(C) ଜଳଜ

(D) ଜଗର

**123.** 'ଆକାଶ'ର ପ୍ରତିଶବ୍ଦ :

(A) ପୁଷ୍କଳ

(B) ପୁଷ୍କର

(C) ପୂର୍ଣ୍ଣକ

(D) ପୁଷ୍ଟିକା

**124.** 'ବାଟ'ର ପ୍ରତିଶବ୍ଦ :

(A) ତରଣୀ

(B) ବରଣୀ

(C) ପରଣ

(D) ସରଣୀ

**125.** 'ନୌକା'ର ପ୍ରତିଶବ୍ଦ :

(A) ବହଚି

(B) ବହୁଧା

(C) ବହିତ୍ର

(D) ବାଦିତ୍ର

**126.** 'କୁଆପଥର'ର ପ୍ରତିଶବ୍ଦ :

(A) କରକଚା

(B) କରକା

(C) କରଞ୍ଜ

(D) କରଉ

**127.** 'ସାପ' ର ପ୍ରତିଶବ୍ଦ :

(A) ଉପଳ

(B) ଉଦକ

(C) ଉରଗ

(D) ଉରଜ

**128.** 'ଛାତ୍ର'ର ପ୍ରତିଶବ୍ଦ :

(A) ଅଧୀତୀ

(B) ଅନକ୍ଷ

(C) ଅଧିଭୂ

(D) ଅଧୃତି (ଅଧୃତି)

**129.** 'ଗଂଗା'ର ପ୍ରତିଶବ୍ଦ :

(A) ସ୍ୱର୍ଣ୍ଣଳୀ

(B) ସ୍ୱର୍ଣ୍ଣଦୀ

(C) ସରିତା

(D) ନନ୍ଦିକା

**130.** 'ଅସୁର' ର ପ୍ରତିଶବ୍ଦ :

(A) ତନୁଜ

(B) ଅନୁଜ

(C) ସାନୁଜ

(D) ଦନୁଜ

31. ______ ପ୍ରତ୍ୟୟ ଯୋଗେ ପ୍ରେରଣାର୍ଥକ କ୍ରିୟାପଦ ଗଠିତ ହୋଇପାରେ ।

(A) ଏ

(B) ଆ

(C) ଅ

(D) ଅ, ଆ ଏବଂ ଏ

2. ______ ଏକ ନାସ୍ତ୍ୟର୍ଥକ କ୍ରିୟା ।

(A) ନ

(B) ନୁହେଁ

(C) ନା

(D) କେଉଁଟି ନୁହେଁ

3. ______ ଏକ କ୍ରିୟାବିଶେଷଣ ପଦ ।

(A) କୁଳୁକୁଳୁ ଝରୁଛି

(B) ଘୁମନ୍ତ ଆକାଶ

(C) ସୁଲୁସୁଲୁ ବାଆ

(D) କୁଳୁକୁଳୁ ଝରଣା

134. ______ ଏକ ଅକର୍ମକ କ୍ରିୟା ।

(A) ଜଣାଇବା

(B) ବାଟେଇବା

(C) ଶୋଉଅଛି

(D) ପଢ଼ଉଛି

135. ଭବିଷ୍ୟତ କାଳିକ କ୍ରିୟାପଦରେ / ଣି/ର ପ୍ରୟୋଗ ______ ଭାବ ପ୍ରକାଶ କରେ ।

(A) ସମ୍ଭାବନା

(B) ଅନୁଜ୍ଞା

(C) ସର୍ତ୍ତ

(D) ନିଶ୍ଚିତ

136. କ୍ରିୟା ପଦ ପୂର୍ବରୁ ______ ପ୍ରଶ୍ନକଲେ ଉତ୍ତରରେ କର୍ତ୍ତାକାରକ ମିଳିଥାଏ ।

(A) କେବେ

(B) କିଏ ବା କଅଣ

(C) କାହିଁକି

(D) କ'ଣ

137. କ୍ରିୟାପଦର ମୂଳରୂପକୁ ପାରଂପରିକ ବ୍ୟାକରଣରେ ________ କୁହାଯାଏ ।

(A) ମୂଳ

(B) ପ୍ରାତିପଦିକ

(C) ଧାତୁ

(D) ପ୍ରକୃତି ✓

138. ________ ଏକ ପାଦପୂରଣାର୍ଥକ ପ୍ରତ୍ୟୟ ନୁହେଁ ।

(A) ଣି

(B) ଟି

(C) ହେ

(D) ତ

139. କେଉଁଟି ମିଶ୍ର କ୍ରିୟାପଦ ?

(A) ଶୋଇବା

(B) ନୋହିବା

(C) ଶୁଆଇବା

(D) ଅବତରଣ କରିବା ✓

140. ଯାହା ସାହାଯ୍ୟରେ କ୍ରିୟା ସାଧିତ ହୁଏ ତାହା ________ କାରକ ।

(A) କରଣ

(B) ଅପାଦାନ

(C) ଅଧିକରଣ

(D) କର୍ତ୍ତା ✓

141. ନାସ୍ତି ଅର୍ଥ ସୂଚାଇବା ନିମନ୍ତେ ଅସମାପିକ କ୍ରିୟା ________ ପ୍ରତ୍ୟୟ ବ୍ୟବହାର କରାଯାଇପାରେ

(A) ନା

(B) ନୁହେଁ

(C) ନ ✓

(D) ନାହିଁ

142. ________ ଏକ କ୍ରିୟା ବିଶେଷଣ ପଦ ।

(A) ସତକଥା

✓(B) ବକବକ ହେଉଛି

(C) ବକରା ମଣିଷ

(D) ଚଳନ୍ତାଗାଡ଼ି

143. 'ଭୂ' ଧାତୁରୁ ________ ଓଡ଼ିଆ କ୍ରିୟାପଦ ସୃଷ୍ଟି ।

(A) ଭାବିବା

(B) ଭାଳିବା

(C) ହାରିବା

(D) ହେବା

144. 'ପଢ଼ିଗଲେ' ________ କ୍ରିୟା ।

(A) ମୌଳିକ

(B) ଅକର୍ମକ

(C) ପ୍ରେରଣାର୍ଥକ

(D) ଯୌଗିକ

145. ପ୍ରେରଣାର୍ଥକ କ୍ରିୟାପଦରେ ________ ପ୍ରତ୍ୟୟ ସଂଯୁକ୍ତ ହୋଇଥାଏ ।

(A) ଉ

(B) ଏ

(C) ଇ

(D) ଣି

146. ଯୌଗିକ କ୍ରିୟାପଦର ପ୍ରଥମ କ୍ରିୟାଟି ________ ରୂପ ଗ୍ରହଣ କରେ ।

(A) ଅସମାପିକା

(B) ଗୌଣ

(C) ସମାପିକା

(D) ମିଶ୍ର

147. 'ହୁଗୁଳେଇବା' କ୍ରିୟାପଦଟି ________ ପଦରୁ ଗଠିତ।

(A) ବିଶେଷଣ

(B) ବିଶେଷ୍ୟ

(C) ସର୍ବନାମ

(D) ବଚନ

148. ________ ଏକ କ୍ରିୟା ବିଶେଷଣ ପଦ ।

(A) ଧୀର ପଦପାତ

(B) ଧୀର ପାଣି

(C) ଧୀରେ ଆସ

(D) ଧୀରେ ଧୀରେ ଅନ୍ଧକାର

149. ବାକ୍ୟରେ କ୍ରିୟାପଦ ସହିତ ଯେଉଁ ପଦର ଅନ୍ୱୟ ନଥାଏ ତାହାକୁ ________ କୁହାଯାଏ ।

(A) ସମ୍ବନ୍ଧ ପଦ

(B) ବିଧେୟ ପଦ

(C) ଉଦ୍ଦେଶ୍ୟ ପଦ

(D) ବିଭକ୍ତି ପ୍ରତ୍ୟୟ

150. କୁଟିବା ଧାତୁର ମୂଳ ରୂପ ________ ଧାତୁ ।

(A) ତଦ୍‌ଭବ

(B) ତତ୍‌ସମ

(C) ଦେଶଜ

(D) ବୈଦେଶିକ

151. ଯେଉଁ କ୍ରିୟାପଦରୁ କାଳ, ପୁରୁଷ ଓ ବଚନ ପ୍ରଭୃତିର ଧାରଣା ମିଳେ, ତାହା ________ କ୍ରିୟା ।

(A) ମିଶ୍ର କ୍ରିୟା

(B) ସିଦ୍ଧ କ୍ରିୟା

(C) ସାଧ୍ୟ କ୍ରିୟା

(D) ସମାପିକା କ୍ରିୟା

152. 'ଣି' ପ୍ରତ୍ୟୟ ________ କାଳ ସହିତ ସଂଯୁକ୍ତ ହୋଇପାରେ ନାହିଁ ।

(A) ବର୍ତ୍ତମାନ କାଳ

(B) ଅତୀତ କାଳ

(C) ଭବିଷ୍ୟତ କାଳ

(D) କେଉଁଟି ନୁହଁ

153. ଓଡ଼ିଆ କ୍ରିୟାପଦରେ ________ ଟି ସହାୟକ କ୍ରିୟା ସଂଯୁକ୍ତ ହୋଇଥାଏ ।

(A) ୨

(B) ୩

(C) ୧

(D) ୪

154. କାଳ ________ ର ସମୟ ନିର୍ଦ୍ଦେଶ କରେ ।

(A) କ୍ରିୟା

(B) ଅବ୍ୟୟ

(C) ବିଶେଷଣ

(D) କର୍ମ

155. ଅତୀତ ଓ ଭବିଷ୍ୟତ କାଳରେ ________ ସହାୟକ କ୍ରିୟାପଦ ବ୍ୟବହାର କରାଯାଇଥାଏ ।

(A) ଅଛ୍

(B) ଥା

(C) ହେଲା

(D) ହେବା

156. 'ପଚାରିବା' ଧାତୁ ମୂଳ ସଂସ୍କୃତ ________ ଧାତୁରୁ ଆସିଛି ।

(A) ପ୍ରଚ୍

(B) ପୃଚ୍ଛ

(C) ପୃଚ୍

(D) ପ୍ରଚ୍ଛ

157. ମୂଳ ସଂସ୍କୃତ 'ଲିମ୍ଫ୍' ଧାତୁରୁ ଉତ୍ପନ୍ନ ଓଡ଼ିଆ ଧାତୁଟି ________ ।

(A) ଲମ୍ଫ ମାରିବା

(B) ଲଂଘନ କରିବା

(C) ଲିପିବା

(D) ଲେଖିବା

158. ଏଥିମଧ୍ୟରୁ କେଉଁଟି ଦେଶଜ ଧାତୁ ?

(A) କିଣିବା

(B) ଚାହିଁବା

(C) ଭାଳିବା

(D) ମାଜିବା

159. 'ଯା' ଏକ ________ ଧାତୁ ।

(A) ଅପୂର୍ଣ୍ଣରୂପ

(B) ପୂର୍ଣ୍ଣରୂପ

(C) ମିଶ୍ର

(D) ଅମିଶ୍ର

160. କ୍ରିୟା ବିଭକ୍ତି କହିଲେ ________ ବୁଝାଏ ।

(A) କ୍ରିୟାପଦ କେଉଁ ପୁରୁଷ ଓ ବଚନରେ ରହିଛି

(B) କ୍ରିୟାପଦ କେଉଁ କାଳରେ ରହିଛି

(C) କ୍ରିୟାପଦ କେଉଁ ଲିଙ୍ଗକୁ ସୂଚାଉଛି

(D) କ୍ରିୟାପଦ ବାକ୍ୟର କେଉଁ ପଦକୁ ବିଭକ୍ତ କରୁଛି

161. 'ଖାଉଛି' କ୍ରିୟାପଦରେ 'ଇ' ବିଭକ୍ତି ________ କୁ ସୂଚାଉଛି ।

(A) ପୁରୁଷ

(B) ପୁରୁଷ ଓ ବଚନ

(C) ବଚନ

(D) କେଉଁଟି ନୁହେଁ

162. 'ଖାଇଦେଇ ଯାଆନ୍ତୁ'ରେ ________ଧାତୁ ରହିଛି ।

(A) ତିନୋଟି

(B) ଦୁଇ

(C) ଏକ

(D) ଚାରୋଟି

163. ମିଶ୍ରକ୍ରିୟାକୁ ଅମିଶ୍ରକ୍ରିୟାରେ ପରିଣତ କରାଯାଇପାରେ କି ?

(A) ନା

(B) କେତୋଟି କ୍ଷେତ୍ରରେ

(C) ହଁ

(D) କେଉଁଟି ନୁହେଁ

164. 'ସେ ଖାଉଥିବ' ରେ କ୍ରିୟାପଦଟି ________ ଅର୍ଥସ୍

(A) ସମାପିକା ଓ ସଂପନ୍ନ

(B) ଅସମାପିକା ଓ ସଂପନ୍ନ

(C) ଅସମାପିକା ଓ ଅସଂପନ୍ନ

(D) ସମାପିକା ଓ ଅସଂପନ୍ନ

165. 'ଭୁଲି ଯାଇଥିବ' କ୍ରିୟାପଦର ________ ପ୍ରତ ଭବିଷ୍ୟତକାଳ ସୂଚକ ।

(A) ଯାଇଥିବ

(B) ଥିବ

(C) ଇବ

(D) ବ

166. ଅସମାପିକା କ୍ରିୟାପଦରେ ________ ପ୍ରତ୍ୟୟ ପ୍ର କରାଯାଏ ।

(A) ଅନ୍ତି

(B) ଅ

(C) ଉଛି

(D) ଇ

167. ନାମଧାତୁ କ୍ରିୟାପଦ __________ ଶବ୍ଦରୁ ଗଠିତ ହୋଇଥାଏ ।

(A) ବିଶେଷଣ

(B) ଅବ୍ୟୟ

(C) କାଳ

(D) ବଚନ

168. 'ଖନେଇବା' ଏକ __________ କ୍ରିୟାପଦ ।

(A) ପ୍ରେରଣାର୍ଥକ

(B) ନାସ୍ତ

(C) ଅମିଶ୍ର

(D) ନାମଧାତୁ

169. ଇକାରାନ୍ତ ଅସମାପିକା କ୍ରିୟା ସହ __________ ଅସମାପିକା କ୍ରିୟା ମଧ୍ୟ ସଂଯୁକ୍ତ ହୋଇପାରେ ।

(A) କରି

(B) ଦେ

(C) ପଢ଼ି

(D) ସାରି

170. 'ଅଛି' କ୍ରିୟା ବିଭକ୍ତିରୁ __________ ରୂପ ଜଣାପଡେ ।

(A) ପ୍ରଥମ ପୁରୁଷ ଏକବଚନ

(B) ତୃତୀୟ ପୁରୁଷ ବହୁବଚନ

(C) ତୃତୀୟ ପୁରୁଷ ଏକବଚନ

(D) ଦ୍ୱିତୀୟ ପୁରୁଷ ବହୁବଚନ

**ନିମ୍ନ ପ୍ରଶ୍ନଗୁଡ଼ିକରେ ବାକ୍ୟର ପୁର୍ନବିନ୍ୟାସ ବା ରୂପାନ୍ତରଣ ଘଟିଛି । ଏଥିମଧ୍ୟରୁ ପ୍ରଶ୍ନ ଅନୁସାରେ ଠିକ୍ ବାକ୍ୟ ଚିହ୍ନଟ କର । (ପ୍ରଶ୍ନ 171 ରୁ 190)**

171. ଅଶୋକ ନିଜର ସମସ୍ତ ପ୍ରଜା ସୁଖରେ ରହନ୍ତୁ ବୋଲି ପ୍ରାର୍ଥନା କଲେ – କେଉଁ ପ୍ରକାରର ବାକ୍ୟ ?

(A) କାମନାତ୍ମକ ବାକ୍ୟ

(B) ବିସ୍ମୟାତ୍ମକ ବାକ୍ୟ

(C) ବିବରଣାତ୍ମକ ବାକ୍ୟ

(D) ଆଦେଶାତ୍ମକ ବାକ୍ୟ

172. ଆଦେଶାତ୍ମକ ବାକ୍ୟଟି ଚିହ୍ନଟ କର ।

(A) ତୁମେ କାହା କଥା ଶୁଣିଲେ ଚଳିବ କି ?

(B) ତୁମେ କାହା କଥା ଶୁଣିଲେ ଚଳିବ ନାହିଁ ବୋଲି ରାମ କହିଲା ।

(C) ତୁମେ କାହାକଥା ଶୁଣିବା ଦରକାର ନାହିଁ ।

(D) କେଉଁଟି ନୁହଁ ।

173. ସେନାପତି କହିଲେ, "କେତେବେଳେ ଶତ୍ରୁମାନଙ୍କୁ ନିପାତ କରିବା ?" – ଏହାର ପୁର୍ନବିନ୍ୟସ୍ତ ପ୍ରଶ୍ନାତ୍ମକ ବାକ୍ୟଟି ଚିହ୍ନଟ କର ।

(A) ସେନାପତି ପ୍ରଶ୍ନ ପଚାରିଲେ ଯେ ଆମେ କେତେବେଳେ ଶତ୍ରୁମାନଙ୍କୁ ନିପାତ କରିବା ?

(B) ସେନାପତି କହିଲେ ସେମାନେ କେତେବେଳେ ଶତ୍ରୁମାନଙ୍କୁ ନିପାତ କରିବେ ?

(C) ସେନାପତି ପଚାରିଲେ ଯେ କେତେବେଳେ ଶତ୍ରୁମାନଙ୍କୁ ନିପାତ କରାଯିବ ।

(D) କେଉଁଟି ନୁହଁ ।

**174.** 'ଆଜି ମୋର ଡେରିରେ ଖାଇବା ହେଲା' – ବାକ୍ୟଟି ଚିହ୍ନଟ କର ।

(A) କର୍ମବାଚ୍ୟ ମୂଳକ ବାକ୍ୟ

(B) ଭାବବାଚ୍ୟ ମୂଳକ ବାକ୍ୟ

(C) କର୍ତ୍ତୃବାଚ୍ୟ ମୂଳକ ବାକ୍ୟ

(D) ବିବୃତ୍ତିସୂଚକ ବାଚ୍ୟ

**175.** ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ତାଙ୍କ ଦେହରକ୍ଷୀଙ୍କ ଦ୍ୱାରା ନିହତ ହୋଇଥିଲେ – ଏହା କେଉଁ ପ୍ରକାରର ବାକ୍ୟ ?

(A) ଜଟିଳ ବାକ୍ୟ

(B) ପ୍ରତ୍ୟକ୍ଷୋକ୍ତି ମୂଳକ ବାକ୍ୟ

(C) ସରଳ ବାକ୍ୟ

(D) କେଉଁଟି ନୁହଁ

**176.** ମଧୁବାବୁ ପୁଣି ଓଡ଼ିଶାରେ କାହାର ଅଜଣା – ବାକ୍ୟଟି ଚିହ୍ନଟ କର ।

(A) ବିସ୍ମୟସୂଚକ ବାକ୍ୟ

(B) ପ୍ରଶ୍ନସୂଚକ ବାକ୍ୟ

(C) ବିବୃତ୍ତିସୂଚକ

(D) ପରୋକ୍ଷ ଉକ୍ତି ମୂଳକ ବାକ୍ୟ

**177.** ____________ ଭାବବାଚ୍ୟ ମୂଳକ ବାକ୍ୟ ?

(A) ଆମ ବିଦ୍ୟାଳୟରେ ଭଲ ପଢ଼ା ହୁଏ ।

(B) ମୋତେ କିଛି ଜଣାନାହିଁ ।

(C) ଘଣ୍ଟି ବାଜୁଛି ।

(D) ଏ ପୃଥିବୀରୁ ଦୁଃଖ ଯିବ କିପରି ?

**178.** ପ୍ରତ୍ୟକ୍ଷ ଉକ୍ତିରେ କର୍ତ୍ତା ____________ ହୋଇଥିଲେ ପରୋକ୍ଷ ଉକ୍ତିରେ ତାହା ତୃତୀୟ ପୁରୁଷ ହୁଏ ।

(A) ତୃତୀୟ ପୁରୁଷ

(B) ଦ୍ୱିତୀୟ ପୁରୁଷ

(C) ପ୍ରଥମ ପୁରୁଷ

(D) କର୍ମ

**179.** 'ଯେ' କେଉଁ ବାକ୍ୟରେ ବ୍ୟବହାର ହୁଏ ?

(A) ପ୍ରତ୍ୟକ୍ଷ ଉକ୍ତି

(B) ପରୋକ୍ଷ ଉକ୍ତି

(C) କର୍ମବାଚ୍ୟ

(D) ପ୍ରଶ୍ନସୂଚକ ବାକ୍ୟ

**180.** ଫୁଲଟି କେଡେ ସୁନ୍ଦର ବୋଲି ନିର୍ମଳ କହିଲା – ଏ ବାକ୍ୟଟି ଚିହ୍ନଟ କର ।

(A) ବିସ୍ମୟ ସୂଚକ ବାକ୍ୟ

(B) ପ୍ରଶ୍ନସୂଚକ ବାକ୍ୟ

(C) ବିବୃତି ସୂଚକ ବାକ୍ୟ

(D) ଆଦେଶସୂଚକ ବାକ୍ୟ

181. 'ମିଷ୍ଟଭାଷୀ ବ୍ୟକ୍ତି ସମସ୍ତଙ୍କର ପ୍ରିୟ' – ଏହାର ପୁର୍ନବିନ୍ୟସ୍ତ ଜଟିଳ ବାକ୍ୟଟି ଚିହ୍ନଟ କର ।

(A) ଯେଉଁବ୍ୟକ୍ତି ମିଷ୍ଟଭାଷୀ, ସେ ସମସ୍ତଙ୍କର ପ୍ରିୟ ।

(B) ଯେଉଁବ୍ୟକ୍ତି ମିଷ୍ଟଭାଷୀ ହୁଏ, ସେ ସମସ୍ତଙ୍କର ପ୍ରିୟ ହୁଏ ।

(C) ମିଷ୍ଟଭାଷୀ ବ୍ୟକ୍ତି ହିଁ ସମସ୍ତଙ୍କର ପ୍ରିୟ ଅଟେ ।

(D) ସେ ମିଷ୍ଟଭାଷୀ ଓ ସେ ସମସ୍ତଙ୍କର ପ୍ରିୟ ।

182. ଗୃହତ୍ୟାଗୀ ଗୌତମ ବୋଧଗୟାରେ ବୁଦ୍ଧତ୍ୱ ପ୍ରାପ୍ତ ହେଲେ – ଏହାର ପୁର୍ନବିନ୍ୟସ୍ତ ଜଟିଳ ବାକ୍ୟଟି ଚିହ୍ନଟ କର ।

(A) ଗୌତମ ଗୃହତ୍ୟାଗୀ ହେଲେ ଓ ବୋଧଗୟାରେ ବୁଦ୍ଧତ୍ୱ ପ୍ରାପ୍ତ ହେଲେ ।

(B) ଗୃହତ୍ୟାଗୀ ଗୌତମ ହିଁ ବୋଧଗୟାରେ ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ ।

(C) ଯେଉଁ ଗୌତମ ଗୃହତ୍ୟାଗୀ ହୋଇଥିଲେ ସେ ବୋଧଗୟାରେ ବୁଦ୍ଧତ୍ୱ ପ୍ରାପ୍ତ ହେଲେ ।

(D) ଗୌତମ ଗୃହତ୍ୟାଗୀ ହେଲେ ବୋଲି ବୁଦ୍ଧତ୍ୱ ପ୍ରାପ୍ତ ହେଲେ ।

183. ଗଛ ଲଗାହେଲା ଓ ଚତୁର୍ଦ୍ଦିଗ ସବୁଜ ଶ୍ୟାମଳ ଦିଶିଲା – ଏହାର ପୁର୍ନବିନ୍ୟସ୍ତ ଜଟିଳ ବାକ୍ୟଟି ଚିହ୍ନଟ କର ।

(A) ଗଛ ଲଗାହେଲାରୁ ଚତୁର୍ଦ୍ଦିଗ ସବୁଜ ଶ୍ୟାମଳ ଦିଶିଲା ।

(B) ଗଛ ଲଗା ହେଉହେଉ ଚତୁର୍ଦ୍ଦିଗ ସବୁଜ ଶ୍ୟାମଳ ଦିଶିଲା ।

(C) ଗଛ ଲଗାହେଲା ଏବଂ ଚତୁର୍ଦ୍ଦିଗ ସବୁଜ ଶ୍ୟାମଳ ଦିଶିଲା ।

(D) ଯେତେବେଳେ ଗଛ ଲଗାହେଲା ସେତେବେଳେ ଚତୁର୍ଦ୍ଦିଗ ସବୁଜ ଶ୍ୟାମଳ ଦିଶିଲା ।

184. ରାଜନୀତିରେ ଗୋଟିଏ ଦଳ ତ୍ୟାଗ କରି ଅନ୍ୟ ଦଳର ସଦସ୍ୟ ହୁଅନ୍ତି – ଏହାର ପୁର୍ନବିନ୍ୟସ୍ତ ଯୌଗିକ ବାକ୍ୟଟି ଚିହ୍ନଟ କର ।

(A) ରାଜନୀତିରେ ଗୋଟିଏ ଦଳ ତ୍ୟାଗ କରନ୍ତି ଏବଂ ଅନ୍ୟ ଦଳର ସଦସ୍ୟ ହୁଅନ୍ତି ।

(B) ଯିଏ ରାଜନୀତିରେ ଗୋଟିଏ ଦଳ ତ୍ୟାଗ କରେ ସେ ଅନ୍ୟ ଦଳରେ ସଦସ୍ୟ ହୁଏ ।

(C) ରାଜନୀତିରେ ଗୋଟିଏ ଦଳ ତ୍ୟାଗ କରିବାପରେ ଅନ୍ୟ ଦଳର ସଦସ୍ୟ ହୁଅନ୍ତି ।

(D) ରାଜନୀତିରେ ଗୋଟିଏ ଦଳ ତ୍ୟାଗ କରୁଥିବା ଲୋକ ଅନ୍ୟଦଳରେ ସଦସ୍ୟ ହୁଅନ୍ତି ।

185. ଯଦି ତୁମେ ନୀତିନିଷ୍ଠ ହୁଅ, ତେବେ ତୁମର ନୈତିକ ସାହସ ବୃଦ୍ଧି ପାଇବ – ଏହାର ପୁର୍ନବିନ୍ୟସ୍ତ ଯୌଗିକ ବାକ୍ୟଟି ଚିହ୍ନଟ କର ।

(A) ନୀତିନିଷ୍ଠ ବ୍ୟକ୍ତିମାନେ ନୈତିକ ଭାବରେ ସାହସୀ ହୋଇଥାନ୍ତି ।

(B) ତୁମେ ନୀତିନିଷ୍ଠ ହେଲେ ନୈତିକ ସାହସ ବୃଦ୍ଧିପାଇବ ।

(C) ତୁମେ ନୀତିନିଷ୍ଠ ହୁଅ ଏବଂ ତୁମର ନୈତିକ ସାହସ ବୃଦ୍ଧିପାଇବ ।

(D) ଯେଉଁ ବ୍ୟକ୍ତି ନୀତିନିଷ୍ଠ ହୁଏ, ତାହାର ନୈତିକ ସାହସ ବୃଦ୍ଧିପାଏ ।

186. ଜହ୍ନରେ କଳଙ୍କ ଥିବାରୁ ଏହା ସୁନ୍ଦର ଦିଶେ – ଏହାର ରୂପାନ୍ତରିତ ଯୌଗିକ ବାକ୍ୟଟି ଚିହ୍ନଟ କର ।

(A) କଳଙ୍କ ଜହ୍ନକୁ ସୁନ୍ଦର କରିଛି ।

(B) ସୁନ୍ଦର ଦିଶିବା ନିମନ୍ତେ ଜହ୍ନରେ କଳଙ୍କ ଅଛି ।

(C) ଯେଉଁ ଜହ୍ନରେ କଳଙ୍କ ଅଛି, ସେଇ ସୁନ୍ଦର ଦିଶେ ।

(D) ଜହ୍ନରେ କଳଙ୍କ ଅଛି ଓ ଏହା ସୁନ୍ଦର ଦିଶେ ।

187. ଯେଉଁ ଛାତ୍ର କଠୋର ପରିଶ୍ରମ କରେ, ସେ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥାଏ – ଏହାର ପୁର୍ନବିନ୍ୟସ୍ତ ସରଳ ବାକ୍ୟଟି ଚିହ୍ନଟ କର ।

(A) ଯଦି ଛାତ୍ର କଠୋର ପରିଶ୍ରମ କରିବ, ତେବେ ପରୀକ୍ଷାରେ କୃତକାର୍ଯ୍ୟ ହେବ ।

(B) ଛାତ୍ର କଠୋର ପରିଶ୍ରମ କର, ପରୀକ୍ଷାରେ କୃତକାର୍ଯ୍ୟ ହେବ ।

(C) କଠୋର ପରିଶ୍ରମ କରୁଥିବା ଛାତ୍ର ହିଁ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥାଏ ।

(D) ଛାତ୍ରଟି କଠୋର ପରିଶ୍ରମ କରିଲାରୁ ପରୀକ୍ଷାରେ କୃତକାର୍ଯ୍ୟ ହେଲା ।

188. ଯେହେତୁ ତୁମ ଦେହ ଖରାପ ଅଛି, ତେଣୁ ତୁମେ ବୁଲାବୁଲି କରନାହିଁ – ଏହାର ପୁର୍ନବିନ୍ୟସ୍ତ ସରଳ ବାକ୍ୟଟି ଚିହ୍ନଟ କର।

(A) ତୁମ ଦେହ ଖରାପ ଅଛି, ତୁମେ ବୁଲାବୁଲି କରନାହିଁ।

(B) ଦେହ ଖରାପ ଥିଲେ, ବୁଲାବୁଲି କରନ୍ତି ନାହିଁ ।

(C) ତୁମ ଦେହ ଖରାପ ଥିବାରୁ ବୁଲାବୁଲି କରନାହିଁ ।

(D) ତୁମ ଦେହ ଖରାପ ଥିବା ସତ୍ତ୍ୱେ ବୁଲାବୁଲି କରୁଛ।

189. ରାମବାବୁ ସବୁ ଶୁଣିଲେ ଏବଂ କିଛି କହିଲେ ନାହିଁ – ଏହାର ପୁର୍ନବିନ୍ୟସ୍ତ ସରଳ ବାକ୍ୟଟି ଚିହ୍ନଟ କର ।

(A) ରାମବାବୁ ଯେତେବେଳେ ସବୁ ଶୁଣିଲେ ସେତେବେଳେ କିଛି କହିଲେ ନାହିଁ ।

(B) ରାମବାବୁ ସବୁ ଶୁଣିଲେ ହେଁ କିଛି କହିଲେ ନାହିଁ।

(C) ରାମବାବୁ ସବୁ ଶୁଣିଲେ ନାହିଁ କି କିଛି କହିଲେ ନାହିଁ ।

(D) ରାମବାବୁ ସବୁ ଶୁଣିଲେ, ମାତ୍ର କିଛି କହିଲେ ନାହିଁ।

190. ସୀତା କହିଲେ, "ହନୁମାନ ଏ ମୁଦ୍ରିକା ଗ୍ରହଣ କର" – କେଉଁ ପ୍ରକାରର ବାକ୍ୟ ?

(A) ପରୋକ୍ଷ ଉକ୍ତି ମୂଳକ ବାକ୍ୟ

(B) ପ୍ରତ୍ୟକ୍ଷ ଉକ୍ତି ମୂଳକ ବାକ୍ୟ

(C) ବିସ୍ମୟାତ୍ମକ ବାକ୍ୟ

(D) ପ୍ରଶ୍ନାତ୍ମକ ବାକ୍ୟ

**ନିର୍ଦ୍ଦେଶ (ପ୍ରଶ୍ନସଂଖ୍ୟା 191 ରୁ 195) : ଅନୁଚ୍ଛେଦଟିକୁ ସାବଧାନତା ସହକାରେ ପଢ଼ି ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଦିଅ ।**

୧୯୩୦ ମସିହା ଅକ୍ଟୋବର ୧୨ ତାରିଖ, ମାନବ ଜାତିର ଇତିହାସରେ ଗୋଟିଏ ପ୍ରଧାନ ଦିବସ । ଅଦ୍ୟ ଭାରତରେ ଏପରି ଗୋଟିଏ ମହତ୍ କର୍ମାନୁଷ୍ଠାନ କରାଗଲା ଯାହା ବଳରେ ଭାରତର ସୁପ୍ତ ଶକ୍ତି ଜାଗି ଉଠିଲା ଏବଂ ଭାରତର ଲୁପ୍ତ ଗୌରବର ରଶ୍ମିରେଖା ପ୍ରଚଣ୍ଡ ତେଜରେ ପ୍ରତିଭାତ ହୋଇ କୋଟି କୋଟି ଭାରତବାସୀଙ୍କ ହୃଦୟରୁ ପରାଧୀନତାର କାଳିମାକୁ ଚିରକାଳ ନିମିତ୍ତ ଅପସାରିତ କରିବାକୁ ଏକ ନୂତନ ଆଲୋକ ପ୍ରଦାନ କରିଥିଲା । ଅଦ୍ୟ ମହାତ୍ମାଗାନ୍ଧୀ 'ମନ୍ତ୍ରଂ ବା ସାଧୟେତ୍ ଶରୀରଂ ବା ପାତୟେତ୍' ମନ୍ତ୍ରରେ ଭାରତବାସୀଙ୍କୁ ଦୀକ୍ଷିତ କରି ସାବରମତୀ ଆଶ୍ରମରୁ ସମର ଯାତ୍ରା ଆରମ୍ଭ କରିଥିଲେ । "ଭାରତରେ ସ୍ୱରାଜ୍ୟ ନ ହେବା ପର୍ଯ୍ୟନ୍ତ ମୁଁ ଆଉ ଆଶ୍ରମକୁ ଫେରିବ ନାହିଁ । ସ୍ୱରାଜ୍ୟ ଆଣି ଫେରିବି, ନଚେତ୍ ମୋର ମୃତ ଶରୀରକୁ ସମୁଦ୍ରରେ ଭସାଇ ଦେବ ।" ଏହି କେତୋଟି ଶବ୍ଦ ଉଚ୍ଚାରଣ କରି ମହାତ୍ମାଜୀ ଆଶ୍ରମ ତ୍ୟାଗ କରି ଗଲାବେଳର ଦୃଶ୍ୟ କିପରି ମର୍ମସ୍ପର୍ଶୀ ତାହା ନ ଦେଖିଲା ବ୍ୟକ୍ତି ସହଜରେ ଅନୁଭବ କରିପାରିବ ନାହିଁ । ସେହି ଦୃଶ୍ୟ ଏବଂ ସେହି ଦିନର ଘଟଣାବଳୀ ମନେ ପଡ଼ିଲେ ମୋ ମନରେ ସ୍ୱତଃ ରାଜା ରାମଚନ୍ଦ୍ରଙ୍କର ବନବାସ କଥା ମନେ ପଡ଼େ । ରାଜା ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କୁ ସଙ୍ଗରେ ଧରି ଚଉଦ ବର୍ଷ ବନବାସ କରିବାପାଇଁ ଅଯୋଧ୍ୟା ନଗରୀ ଯେଉଁଦିନ ତ୍ୟାଗ କରିଥିଲେ ସେତେବେଳର ଦୃଶ୍ୟ କିପରି ମର୍ମସ୍ପର୍ଶୀ ହୋଇଥିବ ତାହା କଳ୍ପନା କରିହେବ ନାହିଁ । ଅଗଣିତ ନରନାରୀଙ୍କ ହୃଦୟ ଅଧୀର, ଚକ୍ଷୁ ଲୋତକ ପୂର୍ଣ୍ଣ ଏବଂ ତାହାଙ୍କ ସହିତ ବନଗମନ କରିବାକୁ ସମସ୍ତଙ୍କର ଆକୁଳ ପ୍ରାର୍ଥନା । କିନ୍ତୁ ଶ୍ରୀରାମଚନ୍ଦ୍ର ଧୀର ଓ ଗମ୍ଭୀର ଭାବରେ ଏସବୁ ଦ୍ୱାରା ପ୍ରଭାବିତ ନ ହୋଇ, ହସି ହସି ବନଗମନ କରିଥିଲେ ।

**191.** ମହାତ୍ମାଜୀଙ୍କ ସାବରମତୀ ଆଶ୍ରମ ତ୍ୟାଗର ଦୃଶ୍ୟ କ'ଣ ସ୍ମରଣ କରାଇ ଦିଏ ?

(A) ଗାନ୍ଧିଜୀଙ୍କ ପ୍ରଚଣ୍ଡ ପରାକ୍ରମୀଗୁଣକୁ

(B) ଶ୍ରୀରାମଚନ୍ଦ୍ରଙ୍କର ବନବାସ ଘଟଣା

(C) ଗାନ୍ଧିଜୀଙ୍କ ନୈରାଶ୍ୟତା

(D) ଶ୍ରୀରାମଙ୍କ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଥା

**192.** ଶ୍ରୀରାମଙ୍କର ଅଯୋଧ୍ୟା ତ୍ୟାଗ କେଉଁ ଗୁଣର ଶିକ୍ଷା ପ୍ରଦାନ କରେ ?

(A) ଶ୍ରୀରାମଙ୍କ ଅହଂକାରୀଗୁଣ

(B) ବୀରତ୍ୱ ଓ ପରାକ୍ରମ

(C) ପିତୃଭକ୍ତି

(D) ଦୁଃଖ ଯନ୍ତ୍ରଣା ସତ୍ତ୍ୱେ ଧୀର ଓ ଗମ୍ଭୀର ଭାବରେ ପରିସ୍ଥିତିର ସମ୍ମୁଖୀନ

**193.** ଶ୍ରୀରାମଙ୍କ ବନ ଗମନରେ ତତ୍କାଳୀନ ପରିବେଶ କିଭଳି ଥିଲା ?

(A) ପ୍ରଜାକୁଳ ପ୍ରସନ୍ନ ଥିଲେ

(B) ନରନାରୀଙ୍କ ହୃଦୟ ଅଧୀର ଚକ୍ଷୁ ଲୋତକାପୂର୍ଣ୍ଣ

(C) ବଡ଼ ଗମ୍ଭୀର

(D) ଆକାଶ ମେଘାଚ୍ଛନ୍ନ

**194.** ମହାତ୍ମାଜୀ ଆଶ୍ରମ ପରିତ୍ୟାଗ କଲାବେଳେ ଉଚ୍ଚାରଣ କରିଥିବା ମନ୍ତ୍ରର ଉଦ୍ଦେଶ୍ୟ କ'ଣ ?

(A) ଜୀବନକୁ ସ୍ୱ ସ୍ୱାର୍ଥରେ ବିନିଯୋଗ କରିବା ।

(B) ମୋକ୍ଷପ୍ରାପ୍ତି ହେବା ।

(C) ଲକ୍ଷ୍ୟ ସାଧନ ନିମନ୍ତେ ସକଳ ପ୍ରତିବନ୍ଧକ ସତ୍ତ୍ୱେ ଲକ୍ଷ୍ୟପଥରୁ ବିଚ୍ୟୁତ ନ ହେବା ।

(D) ନିଜର ବ୍ୟାକୁଳ ଭାବ ପ୍ରକାଶ କରିବା ।

**195.** ଭାରତରେ ମହତ୍ କର୍ମାନୁଷ୍ଠାନ ଗଢ଼ା ହେବା ପଛରେ କେଉଁ ମହନୀୟ ଉଦ୍ଦେଶ୍ୟ ପ୍ରକାଶ ପାଇଛି ?

(A) ଭାରତର ଗୌରବ ବୃଦ୍ଧି କରିବା

(B) ଲୁପ୍ତ ଗୌରବକୁ ମନେ ପକାଇବା

(C) ସୁପ୍ତ ଶକ୍ତିର ଜାଗରଣ ଓ ପରାଧୀନତାର ଅନ୍ଧକାର ଦୂର କରି ସ୍ୱାଧୀନତାର ଆଲୋକ ପ୍ରଦାନ

(D) ଭାରତର ଯୁବପିଢ଼ିଙ୍କୁ ଏକତ୍ର କରିବା

**ନିର୍ଦ୍ଦେଶ (ପ୍ରଶ୍ନସଂଖ୍ୟା 196 ରୁ 200) : ଅନୁଚ୍ଛେଦଟିକୁ ସାବଧାନତା ସହକାରେ ପଢ଼ି ନିମ୍ନରେ ଦିଆଯାଇଥିବା ସଠିକ୍ ଉତ୍ତରଟି ବାଛ ।**

ଯୋଗକୁ ହେଉ ବା ଦୁର୍ଯୋଗକୁ ହେଉ କୁରୁକୁଳର ଆଚାର୍ଯ୍ୟ ଦ୍ରୋଣ ଓ ପ୍ରତ୍ୟାଖ୍ୟାତ ଏକଲବ୍ୟ ମଧ୍ୟରେ ପୁଣିଥରେ ସାକ୍ଷାତ ହୋଇଛି । ଗୁରୁଙ୍କୁ ଚକିତ କରି ଏକଲବ୍ୟ ତା'ର ବିଦ୍ୟାର ପରିଚୟ ଦେଇଛି । ଅସବର୍ଣ୍ଣ ବା ଅପାଂକ୍ତେୟ ହେଲେ ମଧ୍ୟ ଜଣେ ବିଦ୍ୟାକାମୀ ଆପଣାର ଶ୍ରଦ୍ଧା ଏବଂ ବିଶ୍ୱାସ ବଳରେ କିପରି ପରଂପରାଗତ ସକଳ ନିୟନ୍ତ୍ରଣକୁ ଲଂଘନ କରିଯାଇପାରେ, ଦ୍ରୋଣାଚାର୍ଯ୍ୟଙ୍କୁ ଏକଲବ୍ୟ ତାହାରି ପରିଚୟ ଦେଇଛି । ଯେକୌଣସି ଆଚାର୍ଯ୍ୟ ଏଥିରେ ଗୌରବାନ୍ୱିତ ଅନୁଭବ କରିବାର କଥା । ଦ୍ରୋଣାଚାର୍ଯ୍ୟଙ୍କର ହୃଦୟ ଅସଲ ଆଚାର୍ଯ୍ୟଙ୍କର ହୃଦୟ ହୋଇଥିଲେ ଦ୍ରୋଣ ସେଦିନ ଏକଲବ୍ୟକୁ କୁଣ୍ଢାଇ ଧରିଥାନ୍ତେ। ଗୁରୁ, ଛାତ୍ରଠାରୁ ଶିକ୍ଷିଥାନ୍ତା, ପରମ୍ପରାର ନିର୍ମୋକ ଖସି ପଡ଼ିଥାନ୍ତା; ଦ୍ରୋଣାଚାର୍ଯ୍ୟଙ୍କର ଭିତରେ ଥିବା ଅସଲ ଗୁରୁ ସେଦିନ ନବଜନ୍ମ ଲାଭ କରିଥାଆନ୍ତା । କିନ୍ତୁ ମହାଭାରତକାର ବ୍ୟାସଦେବଙ୍କର କାବ୍ୟ ଦୃଷ୍ଟିରେ ହୁଏତ ଏତକ ସାହସ ନଥିଲା । ସାମାଜିକ ପ୍ରେୟ ଉପରେ ମାନବିକ (ଆଧ୍ୟାତ୍ମିକ ?) ଶ୍ରେୟର ବିପୁଳତାକୁ ଚିହ୍ନି ନେବା ଲାଗି ସାହିତ୍ୟ ଦୃଷ୍ଟିରେ ଯେଉଁ ସାହସ ରହିବା ଦରକାର, ବ୍ୟାସଦେବଙ୍କର ହୁଏତ ସେହି ସାହସ ନଥିଲା । ତେଣୁ ଏକଲବ୍ୟର ସାହସ ତାଙ୍କୁ ପ୍ରଧାନତଃ ଦୁଃସାହସ ବୋଲି ହିଁ ମନେହେଲା ଓ ସେ ଏହି ଦୁଃସାହସର ଶାସ୍ତି ଦେବାକୁ ଏକ ସାହିତ୍ୟିକ ନ୍ୟାୟ ଖୋଜି ବସିଲେ । ଏହି ଶାସ୍ତିକୁ ଏକ ଆବଶ୍ୟକତା ବୋଲି ଦେଖାଇବା ଉଦ୍ଦେଶ୍ୟରେ ଦ୍ରୋଣାଚାର୍ଯ୍ୟଙ୍କୁ ଆଚାର୍ଯ୍ୟର ଆସନରୁ ତଳକୁ ଓହ୍ଲାଇ ଆଣିବାକୁ ପଡ଼ିଲା । ତେବେ ଯାଇ ଏକଲବ୍ୟ କଥା ସମ୍ପୂର୍ଣ୍ଣ ହେଲା । କୌଳିକତା ଜିତିଲା, କୁଳୀନତା ଜିତିଲା ; କିନ୍ତୁ ଆଚାର୍ଯ୍ୟ ପଦର ଅପମାନ କରାଗଲା ।

**196.** ଆଚାର୍ଯ୍ୟ ଦ୍ରୋଣଙ୍କଠାରେ ନିଜଶିଷ୍ୟ ପ୍ରତି କେଉଁ ଗୁଣ ପ୍ରକାଶ ପାଇଛି ?

(A) ଶ୍ରଦ୍ଧାଶୀଳ

(B) ଇର୍ଷାତୁର

(C) ନିଷ୍କପଟ

(D) ଦୟାଭାବ

**197.** ଦ୍ରୋଣାଚାର୍ଯ୍ୟଙ୍କ ଭିତରେ କେତେବେଳେ ଅସଲ ଗୁରୁ ନବଜନ୍ମ ଲାଭ କରିଥାଆନ୍ତା ?

(A) ଏକଲବ୍ୟ ପ୍ରତିଭାକୁ ଦେଖି ତାକୁ କୁଣ୍ଢାଇ ଧରିଥିଲେ

(B) ଏକଲବ୍ୟକୁ ଇର୍ଷା କରିଥିଲେ

(C) ତାଙ୍କଠାରୁ ଏକଲବ୍ୟ ବିଦ୍ୟା ଶିକ୍ଷା କରିଥିଲେ

(D) ଦ୍ରୋଣାଚାର୍ଯ୍ୟଙ୍କୁ ଏକଲବ୍ୟ ପ୍ରଶଂସା କରିଥିଲେ

**198.** ଏକଲବ୍ୟର ସାହସକୁ କିଏ ଦୁଃସାହସ ବୋଲି ମନେ କରିଛନ୍ତି?

(A) ଧୃତରାଷ୍ଟ୍ର

(B) ବ୍ୟାସଦେବ

(C) ଦ୍ରୋଣାଚାର୍ଯ୍ୟ

(D) ଆଚାର୍ଯ୍ୟ

**199.** ଆଚାର୍ଯ୍ୟ ଦ୍ରୋଣ ଏବଂ ଏକଲବ୍ୟଙ୍କର ପୁନଃ ସାକ୍ଷାତରେ କ'ଣ ହୋଇଛି ?

(A) ଦ୍ରୋଣାଚାର୍ଯ୍ୟ ଏକଲବ୍ୟଙ୍କୁ ଇର୍ଷା କରିଛନ୍ତି ।

(B) ଗୁରୁଙ୍କ ସହିତ ଏକଲବ୍ୟଙ୍କର ଦ୍ୱନ୍ଦ୍ୱ ହୋଇଛି ।

(C) ଆଶ୍ଚର୍ଯ୍ୟଜନକ ଭାବେ ଗୁରୁଙ୍କୁ ସ୍ୱବିଦ୍ୟାର ପରିଚୟ ଦେଇଛି

(D) ଗୁରୁଙ୍କର ନିଜ ଶିଷ୍ୟ ପ୍ରତି ଅହେତୁକ ଶ୍ରଦ୍ଧା ଜାଗ୍ରତ ହୋଇଛି

**200.** କେଉଁଥିପାଇଁ ଆଚାର୍ଯ୍ୟ ଗୌରାବାନ୍ୱିତ ହେବା କଥା ?

(A) ଶିଷ୍ୟର ଦକ୍ଷତାର ପରିଚୟ ପାଇବା

(B) ନିଜ ଶିଷ୍ୟର ଗୁରୁ ପ୍ରତି ଶ୍ରଦ୍ଧା ଦେଖି

(C) ଶିଷ୍ୟର ଗୁରୁଙ୍କ ପ୍ରତି ବିଶ୍ୱାସକୁ ଦେଖି

(D) ଶିଷ୍ୟ ଉଚ୍ଛୃଙ୍ଖଳ ହେବା କାରଣରୁ